# ECHO OF HIS CALL

## ଆହ୍ବାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

ECHO OF HIS CALL 1969–2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVI | MARCH 2024 | No.01


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୩୧:୧୭–୨୪)

୧୭ ହେ ସଦାପ୍ରଭୋ, ମୋତେ ଲଜ୍ଜିତ ହେବାକୁ ଦିଅ ନାହିଁ; କାରଣ ମୁଁ ତୁମ୍ଭ ନିକଟରେ ଡାକ ପକାଇଅଛି; ଦୁଷ୍ଟମାନେ ଲଜ୍ଜିତ ହେଉନ୍ତୁ, ସେମାନେ ପାତାଳରେ ନୀରବ ହେଉନ୍ତୁ ।

୧୮ ମିଥ୍ୟାବାଦୀ ଓଷ୍ଠାଧରସବୁ ମୂକ ହେଉ, ସେମାନେ ଅହଙ୍କାର ଓ ତୁଚ୍ଛ ଭାବରେ ଧାର୍ମିକମାନଙ୍କ ପ୍ରତିକୂଳରେ ଦର୍ପ କଥା କହନ୍ତି ।

୧୯ ଆଃ, ତୁମ୍ଭେ ଆପଣା ଭୟକାରୀମାନଙ୍କ ପାଇଁ ଯେଉଁ ମଙ୍ଗଳ ସଞ୍ଚୟ କରିଅଛ, ମନୁଷ୍ୟ–ସନ୍ତାନଗଣ ସାକ୍ଷାତରେ ଆପଣା ଶରଣାଗତ ଲୋକଙ୍କ ପାଇଁ ଯେଉଁ ମଙ୍ଗଳ ସାଧନ କରିଅଛ, ତାହା କିପରି ମହତ୍ !

୨୦ ତୁମ୍ଭେ ମନୁଷ୍ୟର ସବୁ କୁମନ୍ତ୍ରଣାରୁ ସେମାନଙ୍କୁ ଆପଣା ଶ୍ରୀଛାମୁର ଅନ୍ତରାଳରେ ଲୁଚାଇବ; ତୁମ୍ଭେ ଜିହ୍ୱାସମୂହର ବିରୋଧରୁ ସେମାନଙ୍କୁ ଆପଣା ଆବାସରେ ଗୋପନ କରି ରଖିବ ।

୨୧ ସଦାପ୍ରଭୁ ଧନ୍ୟ ହେଉନ୍ତୁ; କାରଣ ସେ ଦୃଢ଼ ନଗରରେ ମୋ' ପ୍ରତି ଆପଣାର ଆଶ୍ଚର୍ଯ୍ୟ ସ୍ନେହପୂର୍ଣ୍ଣ କରୁଣା ପ୍ରକାଶ କରିଅଛନ୍ତି ।

୨୨ ମାତ୍ର ମୁଁ ତୁମ୍ଭ ଦୃଷ୍ଟିରୁ ଉଚ୍ଛିନ୍ନ ବୋଲି ଆପଣା ଅଧୈର୍ଯ୍ୟରେ କହିଥିଲି; ତଥାପି ମୁଁ ତୁମ୍ଭ ନିକଟରେ ଆର୍ତ୍ତନାଦ କଲା ବେଳେ ତୁମ୍ଭେ ମୋ' ନିବେଦନର ରବ ଶୁଣିଲ ।

୨୩ ହେ ସଦାପ୍ରଭୁଙ୍କ ସଦ୍‌ଭକ୍ତ ସମସ୍ତେ, ତାହାଙ୍କୁ ପ୍ରେମ କର; ସଦାପ୍ରଭୁ ବିଶ୍ୱସ୍ତ ଲୋକମାନଙ୍କୁ ରକ୍ଷା କରନ୍ତି ଓ ଗର୍ବାଚାରୀମାନଙ୍କୁ ବହୁଳ ରୂପେ ପ୍ରତିଫଳ ଦିଅନ୍ତି ।

୨୪ ହେ ସଦାପ୍ରଭୁଙ୍କଠାରେ ଭରସାକାରୀ ସମସ୍ତେ, ତୁମ୍ଭେମାନେ ବଳବାନ ହୁଅ ଓ ତୁମ୍ଭମାନଙ୍କ ଅନ୍ତଃକରଣ ସାହସିକ ହେଉ ।

## ଈଶ୍ୱରଙ୍କର ନିଶ୍ଚୟତା ସହିତ ଅନିଶ୍ଚିତ ସମୟ !

**(UNCERTAIN TIMES WITH THE CERTAINITY OF GOD !)**

ସମ୍ମାନନୀୟା, ମୁଖ୍ୟ ସଂପାଦିକା, ରେଭ.ଆଞ୍ଜେଲା ସେଲ୍‌ଭାକୁମାରୀ



**"ତୁମ୍ଭେ ଆଶ୍ଚର୍ଯ୍ୟ କର୍ମକର୍ତ୍ତା ପରମେଶ୍ୱର, ତୁମ୍ଭେ ଗୋଷ୍ଠୀୟମାନଙ୍କ ମଧ୍ୟରେ ଆପଣା ପରାକ୍ରମ ଜ୍ଞାତ କରାଇଅଛ" (ଗୀତସଂହିତା ୭୭:୧୪) ।**

ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଅଭିବାଦନ, ପୁନର୍ବାର, ଏହି ପ୍ରବନ୍ଧ ମାଧ୍ୟମରେ ଆପଣମାନଙ୍କ ସହିତ ସଂଯୁକ୍ତ ହେବା ଅତି ଆନନ୍ଦଦାୟକ ଅଟେ । ଆମେ ଏହି ୨୦୦୪ ବର୍ଷର ଦୁଇଟି ମାସ ସଂପୂର୍ଣ୍ଣ କରି ସାରିଲୁଣି । ସମୟ ଅତିଶୀଘ୍ର ଉଡିଯିବା ଭଳି ମନେ ହେଉଛି । ଗୀତସଂହିତା ୭୭ ଏହି ଘୋଷଣା କରିଛି ଯେ ଯେଉଁ ଈଶ୍ୱରଙ୍କଠାରେ ଆମେ ବିଶ୍ୱାସ କରୁ, ସେ ଆଶ୍ଚର୍ଯ୍ୟ କର୍ମକର୍ତ୍ତା ଅଟନ୍ତି ଓ ନିଜ ଲୋକମାନଙ୍କ ମଧ୍ୟରେ ନିଜର ଶକ୍ତି ପ୍ରଦର୍ଶନ କରିବାରେ ଆନନ୍ଦିତ ହୁଅନ୍ତି । ସେ ଅସମ୍ଭବ କାର୍ଯ୍ୟସବୁ କରିବା ପାଇଁ ଆଗ୍ରହରେ ଇଚ୍ଛା କରନ୍ତି ଓ ଏହି ସମଗ୍ର ଯାତ୍ରା ମଧ୍ୟରେ ତାଙ୍କଠାରେ ଆମର ଅବିଚଳିତ ବିଶ୍ୱାସରେ ଖୁସି ହୁଅନ୍ତି ।

ଆମର ଜୀବନଯାତ୍ରା ଗତିରୋଧକ ଉଚ୍ଚଭୂମି, ଅଜ୍ଞାତ ସ୍ଥାନ, ମୋଡ଼, ଆକସ୍ମିକ, ଗର୍ତ୍ତ, ଏହିପରି ଅନେକ କିଛି ଅନପେକ୍ଷିତ ବକ୍ର ଓ ମୋଡ଼ରେ ପରିପୂର୍ଣ୍ଣ ଅଟେ । ଏହିସବୁ ଅଜଣା ଓ ବାରମ୍ବାର ପରିବର୍ତ୍ତିତ ହେଉଥିବା ରାସ୍ତା ମଧ ଦେଇ ଯାତ୍ରା ଆମ ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରେ ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)




ଆହ୍ୱାନର ପ୍ରତିଧ୍ୱନିର

ୟୁ–ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

ECHO OF HIS CALL - (1969-2019 GOLDEN JUBILEE YEAR)



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...

REACHING NATIONS



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Angeline S. Kumari, M.A., M.Sc., M.Ed.
MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Sis. L. Mariya Anjalin, M.A., M.Sc., B.Ed.
Rev. Dr. K.R. Rajasekaran
EDITOR, PUBLISHER & PRINTER

Pastor S. SAM SELVA RAJ
Echo of His Call
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

"ସଦାପ୍ରଭୁ ପରମେଶ୍ୱର, ଇସ୍ରାଏଲର ପରମେଶ୍ୱର ଧନ୍ୟ ହୁଅନ୍ତୁ, କେବଳ ସେ ଆଶ୍ଚର୍ଯ୍ୟ କର୍ମ କରନ୍ତି" (ଗୀତ ୭୨:୧୮) ।

## ପ୍ରଭୁରେ ପ୍ରିୟ ବନ୍ଧୁଗଣ,

*ଆମେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଅତୁଳନୀୟ ନାମରେ ଅଭିବାଦନ ଜଣାଉ ଅଛୁ ।*

*ପ୍ରଭୁ ବିଗତ କିଛି ମାସରେ ଆମର ସେବାକାର୍ଯ୍ୟକୁ ଏକ ସୁନ୍ଦର ମାର୍ଗରେ କଢ଼ାଇ ଆଣିଛନ୍ତି । ଆମର ୟୁ-ଟ୍ୟୁବ ଚ୍ୟାନେଲ ଓ 'ଆହ୍ୱାନର ପ୍ରତିଧ୍ୱନି' ମାସିକା ପତ୍ରିକା ମାଧ୍ୟମରେ ପ୍ରକାଶିତ ହେଉଥିବା ତାଙ୍କର ପ୍ରେମପୂର୍ଣ୍ଣ ବାର୍ତ୍ତା ଦ୍ୱାରା ପ୍ରଭୁ ଦୂର ସ୍ଥାନରେ ଥିବା ଅନେକ ଲୋକଙ୍କୁ ଭେଟିଛନ୍ତି ।*



## ନୂତନ ବର୍ଷ ରାତ୍ରି ଉଜାଗର ଉପାସନା



ପାଳକ. ପି. ଆରୋକିଆ ଦାସ ଓ ବରିଷ୍ଠ ପାଳକ

*ପ୍ରଭୁ ୨୦୨୩ ଡିସେମ୍ବର ୩୧ରେ ଅନୁଷ୍ଠିତ ରାତ୍ରି ଉଜାଗର ନୂତନ ବର୍ଷ ଉପାସନାକୁ ଅତି ସୁନ୍ଦରଭାବେ ଆଶୀର୍ବାଦ କରିଥିଲେ ।*

*ନିହିମିୟା ବାଇବଲ କଲେଜରେ ଅଧ୍ୟୟନ କରିଥିବା ପାଳକ ପି. ଆରୋକିଆଦାସ ବର୍ତ୍ତମାନ ଭାଲାସାରାଭାକ୍କମ୍‌ଠାରେ ଅଛନ୍ତି । ସେ ଆମର କାର୍ଯ୍ୟାଳୟକୁ ଆସିଥିଲେ ଓ ତାଙ୍କର ଶକ୍ତିପୂର୍ଣ୍ଣ ସାକ୍ଷ୍ୟ ଜଣାଇଥିଲେ । ସେ ସେଠାରେ ଗୋଟିଏ ନୂତନ ସେବାକାର୍ଯ୍ୟ ଆରମ୍ଭ କରିଛନ୍ତି ।*



ବରିଷ୍ଠ ପାଳକଙ୍କ ସହିତ ଭାଇ. ସୁରେଶ ଟିର୍ଗେ ଓ ତାଙ୍କର ପୁତ୍ର ଅଭିନାଶ ଟିର୍ଗେ

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

*ଭାଇ ସୁରେଶ ଚିର୍ଗେ ଓ ତାଙ୍କର ପୁତ୍ର ଅଭିନାଶ ଚିର୍ଗେ ନିଜର ଆତ୍ମିୟଙ୍କ ସହିତ ଛତିଶଗଡ଼ରୁ ଆମ କାର୍ଯ୍ୟାଳୟକୁ ଆସିଥିଲେ । ସେ ହିନ୍ଦୀ ଭାଷାରେ ଆମର 'ଆହ୍ୱାନର ପ୍ରତିଧ୍ୱନି' ପତ୍ରିକା ପଢ଼ିବା ଦ୍ୱାରା ଆଶୀର୍ବାଦ ପାଇଥିବାରୁ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମକୁ ଗୌରବାନ୍ୱିତ କରିଥିଲେ ।*



*ଏକ ଦିବସୀୟ ସଭା ମହାବାଲିପୂରମ୍‌ଠାରେ ଅନୁଷ୍ଠିତ ହୋଇଥିଲା ।*

*ଆମର ସେହି ଦାୟିତ୍ୱବାନ୍ ସହକର୍ମୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ଯେଉଁମାନେ ଆମର ମୁଖ୍ୟ ମଣ୍ଡଳୀରେ ବିଭିନ୍ନ ପ୍ରକାର ସେବାକାର୍ଯ୍ୟରେ ନିୟୋଜିତ ଅଛନ୍ତି ।*

*୨୬.୦୧.୨୦୨୪ରେ ଆମର ନିହିମିୟା ବାଇବଲ କଲେଜର ଛାତ୍ର ଓ ମୁଖ୍ୟ ମଣ୍ଡଳୀର ଯୁବାମାନଙ୍କ ସହିତ ପ୍ରାୟ ୬୦ ଜଣଙ୍କ ପାଇଁ ମହାବାଲିପୂରମଠାରେ ଅନୁଷ୍ଠିତ ହୋଇଥିବା ଏକ ଦିବସୀୟ ସଭା ଉପରେ ପ୍ରଭୁ ଆଶୀର୍ବାଦ କରିଥିଲେ ।*

*ପ୍ରଭୁ ଆମର ଆବାସିକ ହିନ୍ଦୀ ନିହିମିୟା ବାଇବଲ କଲେଜର ଛାତ୍ରମାନଙ୍କ ନିମନ୍ତେ ଓ ଉତ୍ତର ଭାରତରୁ ଆସିଥିବା କର୍ମଚାରୀମାନଙ୍କ ନିକଟରେ ସୁସମାଚାର ପହଞ୍ଚାଇବା ନିମନ୍ତେ ପ୍ରିୟ ଭାଇ ଓ ଆଇନଜୀବୀ ଧର୍ମରାଜ, ପାଷ୍ଟର ଫ୍ରାଙ୍କ୍‌ଲିନ ଓ ପାଷ୍ଟର ଦେବଦାସଙ୍କ ସହିତ ମିଶି ଏକ ଦୀର୍ଘକାଳୀନ ଯୋଜନାର ବିକାଶରେ ଆମକୁ ସାହାଯ୍ୟ କରିଛନ୍ତି । ଉପରୋକ୍ତ ଭାଇମାନେ ବର୍ତ୍ତମାନ ସମୟରେ ଉତ୍ତର ଭାରତ ସେବାକାର୍ଯ୍ୟ ପ୍ରତି ନିଜ ନିଜକୁ ସମର୍ପଣ କରିଛନ୍ତି ।*



*ଦୟାକରି ସମସ୍ତ ସେବାକାର୍ଯ୍ୟ ଓ ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର ସମସ୍ତ ଈଶ୍ୱରଙ୍କ ସେବକମାନଙ୍କ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ । ଈଶ୍ୱରଙ୍କ ଅନୁଗ୍ରହ ଆପଣମାନଙ୍କର ସହବର୍ତ୍ତୀ ହେଉ । ଆମେନ୍ ।*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

ପାଳକ ଆଲେକ୍ସ ସାମ୍‌ସନ୍ ସାମ୍
ପାଳକ ଏସ୍.ସାମ୍.ସେଲ୍‌ଭାରାଜ
(+91) 98412 71858 / 98410 71858,
E.mail : sam@echoofhiscall.org

## ଦୟାକରି ଧ୍ୟାନ ଦିଅନ୍ତୁ : ଆହ୍ୱାନର ପ୍ରତିଧ୍ୱନିର ପାଠକଗଣ

ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ବାର୍ତ୍ତା ପ୍ରତିଦିନ ଭୋର ୨ଟାରେ ତାମିଲ, ତେଲୁଗୁ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସାରିତ ହେଉଅଛି । ଆପଣମାନେ ବାର୍ତ୍ତାଗୁଡ଼ିକୁ ଶୁଣିବା ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ପାଇପାରିବେ । ଅଧିକନ୍ତୁ, ଆପଣମାନଙ୍କ ମୋବାଇଲ୍ ଫୋନ୍‌ରେ ମୋର ମୋବାଇଲ ନମ୍ବର (+୯୧) ୯୮୪୧୦୭୧୮୫୮, (+୯୧) ୯୮୪୧୨୭୧୮୫୮ (ବ୍ୟକ୍ତିଗତ) ସଂରକ୍ଷିତ ରଖନ୍ତୁ ।

**ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍**

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଯେତେବେଳେ ମୁଁ ଗାଡ଼ି ଚଳାଏ, ସେତେବେଳେ ସର୍ବଦା ପଥପ୍ରଦର୍ଶକ ଉପରେ ନିର୍ଭର କରେ, ପ୍ରଥମରେ, ରାସ୍ତା ଭୁଲି ନ ଯାଇ ମୁଁ ଯେପରି ମୋ' ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବି, ଏ ବିଷୟରେ ସୁନିଶ୍ଚିତ ହେବା ପାଇଁ ଓ ଦ୍ୱିତୀୟରେ ଓ ଅତି ଗୁରୁତ୍ୱପୂର୍ଣ୍ଣ ଭାବରେ, ମୋ' ସମ୍ମୁଖରେ କି ପ୍ରକାର ପଥ ଅଛି, ଏହା ବୁଝିବା ପାଇଁ । ମୁଁ ଗୋଟିଏ ପାର୍ବତ୍ୟାଞ୍ଚଳରେ ବାସ କରେ, ଅର୍ଥାତ୍, ମୁଁ ଅନେକ ଉତ୍ଥାନ ଓ ପତନର ସମ୍ମୁଖୀନ ହୁଏ । ଗୁଗଲ୍ ମ୍ୟାପ ଭଳି ଆପ୍ ସମ୍ମୁଖସ୍ଥ ରାସ୍ତାର ଦୃଶ୍ୟ ଦେଖାଇବା ଦ୍ୱାରା ଅଧିକ ନିରାପଦରେ ଗାଡ଼ି ଚଳାଇବା ପାଇଁ ମୋତେ ସାହାଯ୍ୟ କରେ । ଉଦାହରଣ ସ୍ୱରୂପ, ମୁଁ ମୋ' ଓ ବକ୍ର ପଥକୁ ଅନୁମାନ କରିପାରେ ଓ ଅତିକ୍ରମଣକୁ ଏଡ଼ାଇ ପାରେ, ଅତିକ୍ରମଣ ପାଇଁ ସଳଖ ରାସ୍ତା ନିମନ୍ତେ ପ୍ରସ୍ତୁତ ହୋଇପାରେ, ଅଜ୍ଞାତ ସ୍ଥାନଗୁଡ଼ିକରେ ବେଗକୁ ଧୀର କରିପାରେ ଓ ଅଜଣା ରାସ୍ତାଗୁଡ଼ିକରେ ସୁଦ୍ଧା ସତର୍କଭାବେ ଗାଡ଼ି ଚଳାଇପାରେ । ଜିପିଏସ୍ ଯୋଗୁ, ମୁଁ ରାସ୍ତାର ଅନିଶ୍ଚିତତା ନିମନ୍ତେ ଉତ୍ତମ ଭାବେ ପ୍ରସ୍ତୁତ ଥାଏ । ମୋ' ଜୀବନ ମଧ୍ୟ ଏକ ଜିପିଏସ୍ ସହିତ ଆସିଥାଆନ୍ତା କି ବୋଲି ମୁଁ ପ୍ରାୟ ଇଚ୍ଛା କରେ । ଫଳରେ, ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦେଖିବାରେ ଏହା ସାହାଯ୍ୟ କରିଥାଆନ୍ତା ।

**Statement about ownership and other particulars about the Newspaper Echo of His Call (Odia) - Form IV (See Rule 8)**

| | | |
|---|---|---|
| 1. Place of Publication | : | **New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai - 600 005.** |
| 2. Periodicity | : | **Monthly** |
| 3. Printer, Editor, Owner & Publisher | : | **S. Sam Selva Raj** (Same Address) |
| 4. Nationality | : | **Indian** |

I, **S. Sam Selva Raj** hereby declare that the particulars given above are true to the best of my knowledge and belief.

**March 2024** **S. Sam Selva Raj.**

ମୁଁ ଆପଣଙ୍କ ବିଷୟରେ ଜାଣି ନାହିଁ, ମାତ୍ର ବ୍ୟକ୍ତିଗତ ଭାବରେ, ମୁଁ କିଛି ଆରମ୍ଭ କରିବା ପୂର୍ବରୁ ଏହାର ଶେଷ ଜାଣିବା ପାଇଁ ଇଚ୍ଛା କରେ ? ମୁଁ କେଉଁ ଆଡ଼କୁ ଅଗ୍ରସର ହେଉଅଛି ଏହା ନ ଜାଣି କାର୍ଯ୍ୟ କରିବା ମୋ' ପାଇଁ ଅତି କଷ୍ଟକର ହୁଏ । ମୁଁ ପ୍ରଥମେ ଫଳାଫଳ ବିଷୟରେ ଚିନ୍ତା କରେ ଓ ଏହାପରେ ପଛ ଆଡୁ କାର୍ଯ୍ୟ ଆରମ୍ଭ କରେ । କିନ୍ତୁ, ଜୀବନ ସେହିପରି କାର୍ଯ୍ୟ କରେ ନାହିଁ । ଯେତେବେଳେ ଆମେ ଆଶା କରୁ ନ ଥିବା, ସେତେବେଳେ ହିଁ ଏହା ଆମ ପ୍ରତି ଅନପେକ୍ଷିତ ଆହ୍ୱାନ ଗୁଡ଼ିକୁ ଫିଙ୍ଗିଥାଏ । ଜଣେ ଆଦୌ ଆଶା କରିପାରୁ ନ ଥିବା ଏହିପରି କେତେକ ବିଷୟର ଦୃଷ୍ଟାନ୍ତ ହେଉଛି, ଜଣେ ପ୍ରିୟଜନଙ୍କର ଆକସ୍ମିକ ମୃତ୍ୟୁ, ଚାକିରୀରେ ପରିବର୍ତ୍ତନ, ଅର୍ଥ ସଙ୍କଟ କିମ୍ବା ସଂପର୍କରେ ଅପ୍ରତ୍ୟାଶିତ ଝଡ଼, ଇତ୍ୟାଦି ।

ଆମେ କିପରି ଏହିପରି ଅନିଶ୍ଚିତତାର ସମ୍ମୁଖୀନ ହେଉ ? ମୁଁ ଏପରି ଗୋଟିଏ ଦମ୍ପତିଙ୍କ ବିଷୟ ସ୍ମରଣ କରେ ଯେଉଁମାନେ ୨୭ ବର୍ଷ ଧରି ବିବାହିତ ଥିଲେ, ସେମାନଙ୍କର ୩ଟି ସୁନ୍ଦର ସନ୍ତାନ ଥିଲା ଓ ସେମାନଙ୍କ ଭିତରେ ଉତ୍ତମ ବୁଝାମଣା ଥିଲା ଓ ସେମାନେ ଅତି ପ୍ରେମଶୀଳ ଦମ୍ପତି ଭାବରେ ପରିଚିତ ଥିଲେ । ହଠାତ୍, ମୁଁ ଶୁଣିଲି ଯେ ସେମାନଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହେବାକୁ ଯାଉଛି । ଏହା ମୋତେ ସ୍ତମ୍ଭୀଭୂତ କରି ଦେଇଥିଲା । ମୁଁ ତାଙ୍କର ସ୍ତ୍ରୀଙ୍କୁ ଏ ବିଷୟରେ ପଚାରିବାରୁ, ସେ କହିଥିଲେ, "ମୁଁ ଅତି ଅନପେକ୍ଷିତ ଭାବରେ ଜାଣିଥିଲି । ମୋ' ଜୀବନରେ ଏହା ଘଟିବ ବୋଲି ମୁଁ ଆଦୌ ଭାବି ନ ଥିଲି ।"

ଏହା ସତ୍ୟ ହେଲେ ମଧ୍ୟ କଷ୍ଟକର ଓ ଯନ୍ତ୍ରଣାପୂର୍ଣ୍ଣ ଅଟେ । ଏହି ସମସ୍ତ ପରିସ୍ଥିତିରେ, ଗୋଟିଏ ବିଷୟ ସୁନିଶ୍ଚିତ ଅଟେ ? ଈଶ୍ୱର ବିଶ୍ୱସ୍ତ ଅଟନ୍ତି । ଭୟ, ଯନ୍ତ୍ରଣା, ଦୁଃଖ, ବିଫଳତା, ପରାଜୟ, ଖୁସି ଓ ଆନନ୍ଦ ମଧ୍ୟରେ ଈଶ୍ୱର ବିଶ୍ୱସ୍ତ ଅଟନ୍ତି ।

ବାଇବଲ ଗୀତସଂହିତା ୭୭:୧୪ରେ କହିଛି, **"ତୁମ୍ଭେ ଆଶ୍ଚର୍ଯ୍ୟକର୍ମକର୍ତ୍ତା ପରମେଶ୍ୱର, ତୁମ୍ଭେ ଗୋଷ୍ଠୀୟମାନଙ୍କ ମଧ୍ୟରେ ଆପଣା ପରାକ୍ରମ ଜ୍ଞାତ କରିଅଛ"** – ତାହା ପ୍ରତ୍ୟେକ ପରିସ୍ଥିତିରେ ।

ବ୍ୟକ୍ତି ବିଶେଷ ଭାବରେ ଓ ଏକ ମଣ୍ଡଳୀ ଭାବରେ, ଏହି ଅନିଶ୍ଚିତତାର ସମୟ ଗୁଡ଼ିକରେ ପ୍ରଭୁ ଆମ ମଣ୍ଡଳୀରେ ଓ ଆମ ପରିବାରଗୁଡ଼ିକରେ କ'ଣ କରିବାକୁ ଯାଉଛନ୍ତି, ତାହା ଆମେ ଜାଣିବାକୁ ଇଚ୍ଛା କରୁ ।

ସର୍ବୋପରି, ବଡ ପ୍ରଶ୍ନ ହେଉଛି, "ଏହିସବୁ ପରିସ୍ଥିତିରେ ଈଶ୍ୱର କେଉଁଠାରେ ଅଛନ୍ତି ?" ଏହା ଅତି ସାଧାରଣ ଓ ଭୀତିପ୍ରଦ ପ୍ରଶ୍ନ ଅଟେ ।

ବାଇବଲ ଆମକୁ ଶିକ୍ଷା ଦେଇଛି ଯେ ଯେତେବେଳେ ଲୋକମାନେ ଦ୍ୱନ୍ଦ୍ୱଗ୍ରସ୍ତ ଥାଆନ୍ତି, କେଉଁଠାକୁ ଯିବେ, କିପରି ଯିବେ, ଏହା ଜାଣି ନ ଥାଆନ୍ତି ଓ ଆଗକୁ ଭବିଷ୍ୟତ୍‌ରେ କ'ଣ ଘଟିବ, ଏ ବିଷୟରେ ସୁନିଶ୍ଚିତ ନ ଥାଆନ୍ତି, ସେତେବେଳେ ସେ ଆଶ୍ଚର୍ଯ୍ୟକର୍ମ କରନ୍ତି । ଅନିଶ୍ଚିତ ସମୟ ! ଆମ ମଧ୍ୟରେ କେତେ ଜଣ ଏହିପରି ଅନିଶ୍ଚିତ ସମୟ ମଧ୍ୟ ଦେଇ ଯାଉଛନ୍ତି, ତାହା ମୁଁ ଜାଣେ ନାହିଁ । ମୋ' ଜୀବନ କେବେ ପରିବର୍ତ୍ତିତ ହେବ କି ? ଏପରିକି ଯେତେବେଳେ ମଧ୍ୟ ଆପଣ ଆହ୍ୱାନମୂଳକ ସମୟର ଅନୁଭୂତି ପାଉଛନ୍ତି, ସେତେବେଳେ ମଧ୍ୟ ଈଶ୍ୱର ସିଂହାସନରେ ଥାଆନ୍ତି । ସେ ଏପର୍ଯ୍ୟନ୍ତ ରାଜତ୍ୱ କରୁଅଛନ୍ତି । ସେ ଜୀବନ ମଧ୍ୟକୁ ଏପରି କୌଣସି ପରିସ୍ଥିତିକୁ ଆସିବାକୁ ଅନୁମତି ଦିଅନ୍ତି ଯେପରିକି ଆମେ ତାଙ୍କ ପ୍ରତି ଦୃଷ୍ଟିପାତ କରିପାରିବା ଓ ସେ ଏହିସବୁ ପରିସ୍ଥିତି ମାଧ୍ୟମରେ ଉନ୍ନତ ହେବେ ।

ଇସ୍ରାଏଲୀୟମାନଙ୍କର ଜୀବନକୁ ଦୃଷ୍ଟାନ୍ତ ଭାବରେ ଗ୍ରହଣ କରନ୍ତୁ । ସେମାନେ ଦାସତ୍ୱର ବନ୍ଧନରୁ ଉଦ୍ଧାର ପାଇବା ପାଇଁ ୪୦୦ ବର୍ଷ ଧରି ପ୍ରାର୍ଥନା କରୁଥିଲେ । ଶେଷରେ ସଦାପ୍ରଭୁ ଆଶ୍ଚର୍ଯ୍ୟକର୍ମ ସାଧନ କରିଥିଲେ ଓ ମିଶରୀୟମାନଙ୍କ ମଧ୍ୟରେ ନିଜ ଶକ୍ତିର ଘୋଷଣା କରିଥିଲେ । ମହାମାରୀ, ମୃତ୍ୟୁ, ସୂଫସାଗର ବିଭାଜନ, ସେହି ସମୁଦ୍ରରେ ମିଶରୀୟ ସୈନ୍ୟମାନେ ବୁଡ଼ିଯିବା ଓ ଇସ୍ରାଏଲୀୟମାନେ ନିରାପଦରେ ସେହି ସମୁଦ୍ରକୁ ଅତିକ୍ରମ କରିବା, ଇତ୍ୟାଦି । ୧୦ଟି ଯାକ ମହାମାରୀ ମିଶରୀୟମାନଙ୍କ ନିକଟରେ ଈଶ୍ୱରଙ୍କ ଶକ୍ତିର ଘୋଷଣା ନିମନ୍ତେ ଉଦ୍ଦିଷ୍ଟ ଥିଲା । ଈଶ୍ୱର ସେମାନଙ୍କୁ ସେହି ବନ୍ଦୀ ଅବସ୍ଥାରେ ହିଁ ବାହାର କରି ଆଣିପାରିଥା'ନ୍ତେ । ଯିହୋବା କିଏ ଅଟନ୍ତି ତାହା ମିଶରୀୟମାନେ ଜାଣନ୍ତୁ ଓ ଇସ୍ରାଏଲୀୟମାନେ ବୁଝନ୍ତୁ ବୋଲି ସେ ଇଚ୍ଛା କରୁଥିଲେ । ସେ କିପ୍ରକାର ଈଶ୍ୱର ଅଟନ୍ତି । ସେ କେତେ ଶକ୍ତିଶାଳୀ ଅଟନ୍ତି । ସମୟର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ନିମନ୍ତେ ଯେପରିକି ଆମେ ବର୍ତ୍ତମାନ ୨୦୨୪ରେ ସୁଦ୍ଧା ଏହି ବିଷୟରେ କଥାବାର୍ତ୍ତା କରିପାରୁଛୁ ।

## ଆମେ ଅନିଶ୍ଚିତ ସମୟର କିପରି ମୁକାବିଲା କରିବା ?

ଅନିଶ୍ଚିତତାର ସମୟରେ, ଆମ ମନରେ ଆସୁଥିବା ଅନୁଭବଗୁଡ଼ିକ ହେଉଛି : ଦ୍ୱନ୍ଦ୍ୱ, ସନ୍ଦେହ, ଭୟ, ଉଦ୍‌ବେଗ, ବର୍ତ୍ତମାନର ପରିସ୍ଥିତି ପାଇଁ ଅନ୍ୟମାନଙ୍କୁ ଦୋଷଦେବା, କ୍ରୋଧ, ହତାଶ, ବିରକ୍ତି, ତିକ୍ତତା, ନୈରାଶ୍ୟ, ନିରୁତ୍ସାହ, ଦୁଃଖ, ନିଃସଙ୍ଗତା, ଚିନ୍ତା ଓ ବ୍ୟସ୍ତତା, ଇତ୍ୟାଦି ଅସରନ୍ତି ବିଷୟ । ତେବେ ଆମେ "ବନ୍ଦ କରିଦେବା" "ଲିଭାଇ ଦେବା" ଉଚିତ୍ କି ? ପୁଣି କିଛି ଘଟିବ ନାହିଁ ବୋଲି ଛଳନା କରି ସ୍ରୋତ ସହିତ ଭାସିଯିବା ଉଚିତ୍ କି ?

ସେହିସବୁ ସମୟରେ ଆମେ କ'ଣ କରିବା ଉଚିତ୍ ?

### ୧. ଈଶ୍ୱରଙ୍କ ପ୍ରତିଜ୍ଞାକୁ ଧରି ରଖନ୍ତୁ ! କାରଣ ସେ ଆମର ଭବିଷ୍ୟତ୍ ଜାଣନ୍ତି !

ଆପଣଙ୍କର ଅଜ୍ଞାତ ଭବିଷ୍ୟତ୍‌କୁ ପରିଚିତ ଈଶ୍ୱରଙ୍କ ହସ୍ତରେ ଦିଅନ୍ତୁ ।

ଅନ୍ୟ ଭାଷାରେ, ଈଶ୍ୱରଙ୍କୁ ଧରି ରଖନ୍ତୁ ! ଯେ କୌଣସି ବିଷୟ ଆରମ୍ଭ କରିବା କିମ୍ବା ଯୋଜନା କରିବା ପୂର୍ବରୁ ପ୍ରାର୍ଥନା କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । କୌଣସି

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)


ନିହିମିୟା ବାଇବଲ

ଆବାସିକ / ସାଂଧ୍ୟ କଲେଜ

ହେଲାଚେରୀ / ଚେପକ୍ ଓ ସନ୍ତୋଷପୂରମ୍, ଚେନ୍ନାଇ

ମାଧ୍ୟମ - ହିନ୍ଦୀ / ତାମିଲ

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ
ଏସିଆ ଥିଓଲୋଜିକାଲ ଆସୋସିଏସନ୍ (ATA)
ବିଗତ ୫୪ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

Regd. Candidate for Membership ATA NEHEMIAH BIBLE COLLEGE CHENNAI ECHO OF HIS CALL

ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ

ମିନିଷ୍ଟ୍ରିରେ ସାର୍ଟିଫିକେଟ
ଥିଓଲୋଜିରେ ଡିପ୍ଲୋମା

ଶୀଘ୍ର ଆଡ୍‌ମିଶନ କରନ୍ତୁ !

Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
✶ ONLINE CLASSES ARE AVAILABLE ✶

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)
ପ୍ରଶଂସା ଓ ପ୍ରାର୍ଥନାର ବିଷୟ,
(୨୦୨୪ ମାର୍ଚ୍ଚ ୧୯ ରୁ ୨୦୨୪ ଏପ୍ରିଲ ୧୮ ପର୍ଯ୍ୟନ୍ତ)
(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

- ମାର୍ଚ୍ଚ ୧୯ ⇨ ଆମର ବାଇବଲ କୋର ଓ ଥିଓଲୋଜିକାଲ୍ କରେସପଣ୍ଡେସ ପାଠ୍ୟକ୍ରମ ଉପରେ ଆଶୀର୍ବାଦ କରିଥିବାରୁ ।
- ମାର୍ଚ୍ଚ ୨୦ ⇨ ୨୬ ଜାନୁୟାରୀରେ, ମହାବଳିପୁରମ୍‌ଠାରେ ଆମର ନିହିମିୟା ବାଇବଲ କଲେଜର ଛାତ୍ର ଓ ମୁଖ୍ୟ ମଣ୍ଡଳୀର ଯୁବାମାନଙ୍କ ନିମନ୍ତେ ଅନୁଷ୍ଠିତ ହୋଇଥିବା ଏକ ଦିବସୀୟ ସଭାକୁ ଆଶୀର୍ବାଦ କରିଥିବାରୁ ।
- ମାର୍ଚ୍ଚ ୨୧ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଇଥିବାରୁ ।
- ମାର୍ଚ୍ଚ ୨୨ ⇨ ୧୯୬୯ରୁ ପତ୍ରିକା ସେବାକାର୍ଯ୍ୟ ପ୍ରତି ଆମର ସମର୍ପଣ ଉପରେ ଆଶୀର୍ବାଦ କରିଥିବାରୁ ।
- ମାର୍ଚ୍ଚ ୨୩ ⇨ ବହୁମୁଖୀ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପ୍ରସାର ନିମନ୍ତେ ଆମ ବରିଷ୍ଠ ପାଳକଙ୍କର ସମର୍ପଣ ଉପରେ ଆଶୀର୍ବାଦ କରିଥିବାରୁ ।
- ମାର୍ଚ୍ଚ ୨୪ ⇨ ଆମର ପ୍ରାର୍ଥନାସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀଗଣ ଓ ସେମାନଙ୍କ ପରିବାରଗୁଡ଼ିକ ଉପରେ ଆଶୀର୍ବାଦ କରିଥିବାରୁ ।
- ମାର୍ଚ୍ଚ ୨୫ ⇨ ଆମ ମଣ୍ଡଳୀ ମଧ୍ୟକୁ ନୂତନ ଅଭିଷିକ୍ତ ବିଶ୍ୱାସୀମାନଙ୍କୁ ଆଣିଥିବାରୁ ।
- ମାର୍ଚ୍ଚ ୨୬ ⇨ ଆମର ନିହିମିୟା ବାଇବଲ କଲେଜକୁ ଆଶୀର୍ବାଦ କରିଥିବାରୁ ।
- ମାର୍ଚ୍ଚ ୨୭ ⇨ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।
- ମାର୍ଚ୍ଚ ୨୮ ⇨ ଆମର "ଗ୍ଲୋବାଲ୍‌ଭିଜନ ଫର୍ ୟୁଥ୍ ଏଣ୍ଡ କିଡ୍ କେୟାର" ସେବାକାର୍ଯ୍ୟକୁ ଆଶୀର୍ବାଦ କରିଥିବାରୁ ।
- ମାର୍ଚ୍ଚ ୨୯ ⇨ ଆମର ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲକୁ ସମର୍ପିତ ଖ୍ରୀଷ୍ଟିଆନ ଶିକ୍ଷକମାନଙ୍କୁ ଓ ଅଧକ୍ଷଙ୍କୁ ଯୋଗାଇଥିବାରୁ ।
- ମାର୍ଚ୍ଚ ୩୦ ⇨ ମିଶନ କାର୍ଯ୍ୟକାରୀମାନଙ୍କର ଅତି ସମର୍ପିତ କାର୍ଯ୍ୟ ନିମନ୍ତେ ।
- ମାର୍ଚ୍ଚ ୩୧ ⇨ ଆମର ଆମର ରାଜ୍ୟ-ସଂଯୋଜକ ଓ ସେମାନଙ୍କ ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।
- ଏପ୍ରିଲ ୧ ⇨ ଗତ ମାସ ଆମର ସମସ୍ତ ଆବଶ୍ୟକତା ପୂରଣ କରିଥିବାରୁ ।
- ଏପ୍ରିଲ ୨ ⇨ ରାଜନୈତିକ ଓ ଧାର୍ମିକ ବିରୋଧ ସତ୍ତ୍ୱେ ଆମ ଖ୍ରୀଷ୍ଟିଆନ ସେବାକାର୍ଯ୍ୟଗୁଡ଼ିକର ଅଗ୍ରଗତି ନିମନ୍ତେ ।
- ଏପ୍ରିଲ ୩ ⇨ ବିଶୃଙ୍ଖଳା ଓ ଯୁଦ୍ଧର ଭୟ ମଧ୍ୟରେ ସମସ୍ତ ଦେଶ ସ୍ୱର୍ଗୀୟ ସୁରକ୍ଷା ପାଉଥିବାରୁ ।

## ପ୍ରାର୍ଥନାର ବିଷୟ

- ଏପ୍ରିଲ ୪ ⇨ ଈଶ୍ୱର ଯେପରି ପୃଥିବୀରେ ତାଙ୍କ ରାଜ୍ୟ ସ୍ଥାପନ ପାଇଁ ଆମକୁ ଆହୁରି ଅଧିକ ଦର୍ଶନ ଦେବେ ।
- ଏପ୍ରିଲ ୫ ⇨ ଭୂତାଣୁ ଜନିତ ଜ୍ୱର ଓ ନୂତନ ସଂକ୍ରାମକ ରୋଗ ବିରୁଦ୍ଧରେ ସୁରକ୍ଷା ନିମନ୍ତେ ।
- ଏପ୍ରିଲ ୬ ⇨ ସମସ୍ତ ସମ୍ଭବ ମାର୍ଗ ଓ ଉପାୟରେ ଆମ ସେବାକାର୍ଯ୍ୟର ସଂପ୍ରସାରଣ ନିମନ୍ତେ ।
- ଏପ୍ରିଲ ୭ ⇨ ପୃଥିବୀର ସମସ୍ତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସରକାରୀ ଅଧିକାରୀଙ୍କ ନିମନ୍ତେ ।
- ଏପ୍ରିଲ ୮ ⇨ ଆମର ସେହି ସମସ୍ତ ସାହାଯ୍ୟକାରୀ, ଶୁଭେଚ୍ଛୁ ଓ ବନ୍ଧୁମାନଙ୍କ ନିମନ୍ତେ ଯେଉଁମାନେ ପ୍ରାର୍ଥନା ଓ ଅର୍ଥ ସହାୟତା ମାଧ୍ୟମରେ ଆମକୁ ଟେକି ଧରିଛନ୍ତି ।
- ଏପ୍ରିଲ ୯ ⇨ ଆମର ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାର ଗୁଡ଼ିକ ନିମନ୍ତେ ।
- ଏପ୍ରିଲ ୧୦ ⇨ ପୃଥିବୀର ଯୁବା ଓ ପିଲାମାନେ ଯେପରି ଯୀଶୁ ଖ୍ରୀଷ୍ଟଙ୍କୁ ସେମାନଙ୍କ ବ୍ୟକ୍ତିଗତ ତ୍ରାଣକର୍ତ୍ତାଭାବେ ଗ୍ରହଣ କରିବେ ।
- ଏପ୍ରିଲ ୧୧ ⇨ ସମସ୍ତ ଦେଶରେ ଯେପରି ସମସ୍ତ କ୍ଷେତ୍ରରେ ଓ ଯୋଜନାରେ ଏକତା ଓ ଅଗ୍ରଗତି ରହିବ ।
- ଏପ୍ରିଲ ୧୨ ⇨ ଆମର ପ୍ରାର୍ଥନାସାଥୀ, ସଭ୍ୟସଭ୍ୟା, ବିଶ୍ୱାସସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀଗଣ ଓ ସେମାନଙ୍କ ପରିବାରଗୁଡ଼ିକ ଉପରେ ଦୟା ନିମନ୍ତେ ।
- ଏପ୍ରିଲ ୧୩ ⇨ 'କୋହା' ସଫ୍ଟୱେରରେ ନିହିମିୟା ବାଇବଲ କଲେଜର ଲାଇବ୍ରେରୀ ପୁସ୍ତକଗୁଡ଼ିକୁ ଅପ୍‌ଡ଼େଟ୍ କରିବା ନିମନ୍ତେ ।
- ଏପ୍ରିଲ ୧୪ ⇨ ପୃଥିବୀର ସମସ୍ତ ଲୋକଙ୍କ ଆବଶ୍ୟକତା ନିମନ୍ତେ ।
- ଏପ୍ରିଲ ୧୫ ⇨ ଆମ ସେବାକାର୍ଯ୍ୟର ଅର୍ଥନୈତିକ ଆବଶ୍ୟକତା ଯେପରି ପୂରଣ ହେବ ।
- ଏପ୍ରିଲ ୧୬ ⇨ ପୃଥିବୀର ଅର୍ଥନୈତିକ ସଙ୍କଟ ଯେପରି ଦୂର ହେବ ।
- ଏପ୍ରିଲ ୧୭ ⇨ ଈଶ୍ୱରଙ୍କ ଅନୁଗ୍ରହ ଯେପରି ପୃଥିବୀରେ ଲୋକମାନଙ୍କ ଉପରେ ବୃଷ୍ଟି ହେବ ।
- ଏପ୍ରିଲ ୧୮ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭରାଜ୍ ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ ସମସ୍ତ ପ୍ରକାର ମନ୍ଦ ଶକ୍ତିରୁ ସୁରକ୍ଷା ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ମନୁଷ୍ୟ ପରିବର୍ତ୍ତେ ପ୍ରଭୁଙ୍କଠାରୁ ଚାଳନା ମାଗିବା ଶ୍ରେୟସ୍କର ଅଟେ । କୌଣସି ନୂତନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଈଶ୍ୱରଙ୍କ ବାକ୍ୟର ସମର୍ଥନ ପାଇବାକୁ ଚେଷ୍ଟା କରନ୍ତୁ ।

ଅନିଶ୍ଚିତତାର ସମୟରେ, ଈଶ୍ୱର ତାଙ୍କ ନିକଟକୁ ଫେରିବା ପାଇଁ, ତାଙ୍କର ପ୍ରତିଜ୍ଞାକୁ ଦାବୀ କରିବା ପାଇଁ ଓ ପ୍ରତିଜ୍ଞାରେ ଭରସା ରଖିବା ପାଇଁ ତାଙ୍କ ଲୋକମାନଙ୍କ ନିକଟରେ ସୁଯୋଗ ଅଛି । ଆଜି ଆପଣ କାହା ଉପରେ ଭରସା କରୁଛନ୍ତି ? କ'ଣ ଅର୍ଥ ଉପରେ ? ସୁରକ୍ଷିତ ଚାକିରୀ ଉପରେ ? ଯଦି ଆମେ ଆସନ୍ତା କାଲି ଆମର ଚାକିରୀ ହରାଇ ଦେବା, ତେବେ ସୁଦ୍ଧା ଆମେ କ'ଣ ଏହି ଘୋଷଣା କରିପାରିବା, **"ମୋର କୌଣସି ଅଭାବ ନାହିଁ । ମୋର ଈଶ୍ୱର ମୋର ସମସ୍ତ ଆବଶ୍ୟକୀୟ ବିଷୟ ଯୋଗାଇବେ । ଈଶ୍ୱରଙ୍କର ଉତ୍ତମତା ମୋତେ ସନ୍ତୁଷ୍ଟ କରିବ ?"**

ଅନିଶ୍ଚିତ ସମୟରେ, ବିଶ୍ୱସ୍ତ ଈଶ୍ୱରଙ୍କ ଉପସ୍ଥିତି ଅନ୍ୱେଷଣ କରନ୍ତୁ ଓ ତାଙ୍କୁ ପଚାରନ୍ତୁ, କାରଣ ସେ ଆମର ଭବିଷ୍ୟତ୍, ଆମର ଆସନ୍ତାକାଲି ଓ ଆମର ଗତକାଲିକୁ ଜାଣନ୍ତି । ତାଙ୍କୁ ଓ ତାଙ୍କର ବାକ୍ୟକୁ ଧରି ରଖନ୍ତୁ ।

ଯାତ୍ରାପୁସ୍ତକ ୪:୨ରେ, ଈଶ୍ୱର ମୋଶାଙ୍କୁ ପଚାରିଥିଲେ, **"ତୁମ୍ଭ ହସ୍ତରେ ସେଇଟା କ'ଣ ? ସେ କହିଲେ, "ଯଷ୍ଟି ।"** ଆଶ୍ଚର୍ଯ୍ୟକର୍ମ ସେତେବେଳେ ଘଟିଲା ଯେତେବେଳେ ମୋଶା ନିଜର ପୁରୁଣା କାଠର ଯଷ୍ଟିକୁ ଈଶ୍ୱରଙ୍କ ହସ୍ତରେ ଦେବା ପାଇଁ ମନୋନୀତ କରିଥିଲେ । ଏହା ଈଶ୍ୱରଙ୍କ ଯଷ୍ଟିରେ ପରିଣତ ହୋଇଥିଲା । **"ଈଶ୍ୱରଙ୍କ ଯଷ୍ଟି"**ରେ ପରିବର୍ତ୍ତିତ ହୋଇଥିବା ସେହି ଯଷ୍ଟିର ଶକ୍ତିକୁ ଦେଖନ୍ତୁ ।

ଯାତ୍ରାପୁସ୍ତକ ୧୭:୯ରେ, **"ତହିଁରେ ମୋଶା ଯିହୋଶୂୟଙ୍କୁ କହିଲେ, ତୁମ୍ଭେ ଆମ୍ଭମାନଙ୍କ ନିମନ୍ତେ ଲୋକ ମନୋନୀତ କରି ଅମାଲେକ ସହିତ ଯୁଦ୍ଧ କରିବାକୁ ଯାଅ, କାଲି ମୁଁ ଆପଣା ହସ୍ତରେ ପରମେଶ୍ୱରଙ୍କ ଯଷ୍ଟି ଘେନି ପର୍ବତଶୃଙ୍ଗରେ ଠିଆ ହେବି ।"** ଈଶ୍ୱରଙ୍କ ଯଷ୍ଟି ସହିତ ସେମାନେ ଯୁଦ୍ଧରେ ନିୟୋଜିତ ହେବା ପାଇଁ ସମର୍ଥ ହୋଇଥିଲେ ।

ମୋଶାଙ୍କ ଜୀବନ ପ୍ରତି ଦୃଷ୍ଟିପାତ କଲେ, ଆମେ ଏପରି ଜଣେ ଅନିଚ୍ଛୁକ ଅଂଶଗ୍ରହଣକାରୀଙ୍କୁ ଦେଖିବା ଯିଏ ବାହାନା କରୁଥିଲେ ଓ ମିଶରକୁ ଫେରିଯିବା ପାଇଁ ଅନିଚ୍ଛୁକ ଥିଲେ । ଅନିଶ୍ଚିତ ସମୟ, ତାଙ୍କ ପରିବାରର ମଙ୍ଗଳ ବିଷୟରେ, ନେତୃତ୍ୱ ସହିତ ହଜିଯାଇଥିବା ତାଙ୍କର ସଂପର୍କ ବିଷୟରେ, ଜଣେ ରାଜକୁମାର ଭାବରେ ପ୍ରାପ୍ତ ହୋଇଥିବା ଦକ୍ଷତା ବିଷୟରେ, ଫାରୋଙ୍କୁ କହିବା ପାଇଁ ତାଙ୍କର ସ୍ପଷ୍ଟ କଥାର ଅଭାବ ବିଷୟରେ ଓ ଯେଉଁ ସ୍ଥାନରେ ତାଙ୍କ ନିଜ ଲୋକମାନେ ତାଙ୍କୁ ମୂଲ୍ୟ ଦେଉ ନ ଥିଲେ, ଏପରି ଏକ ସ୍ଥାନକୁ ଫେରିବାର ଭୟ ବିଷୟରେ ପ୍ରଶ୍ନସବୁ ଉତ୍ଥାପନ କରିଥିଲା ।

ନିଜର ସନ୍ଦେହ ଓ ଭୟ ସତ୍ତ୍ୱେ, ଯେତେବେଳେ ମୋଶା ନିଜ ହସ୍ତରେ ଯାହା ଥିଲା, ତାକୁ ସମର୍ପଣ କରିଦେଲେ, ସେତେବେଳେ ଏହା ଏପରି ଅସାଧାରଣ ବିଷୟରେ ପରିଣତ ହୋଇଥିଲା ଯାହା ମାଧ୍ୟମରେ ଈଶ୍ୱର ଆଶ୍ଚର୍ଯ୍ୟକର୍ମ ସାଧନ କରି ନିଜର ଶକ୍ତି ପ୍ରଦର୍ଶନ କରିପାରିଥିଲେ ।

ଆଜି ଆପଣଙ୍କ ହସ୍ତରେ ଯାହା ଅଛି, ତାହାକୁ ଆପଣ ଈଶ୍ୱରଙ୍କ ନିକଟରେ ସମର୍ପଣ କରିଦେବା ପାଇଁ ଇଚ୍ଛା କରୁଛନ୍ତି କି ଯେପରି ସେ ଏହାକୁ ଆଶ୍ଚର୍ଯ୍ୟକର୍ମ ସାଧନ କରିବା ପାଇଁ ବ୍ୟବହାର କରିପାରିବେ ? ଆପଣଙ୍କର ଭୟ, ଚିନ୍ତା, ପ୍ରଶ୍ନ, ଦ୍ୱନ୍ଦ୍ୱ, ସନ୍ଦେହ, ଉଦ୍‌ବେଗ, ବର୍ତ୍ତମାନର ପରିସ୍ଥିତି ପାଇଁ ଅନ୍ୟମାନଙ୍କୁ ଦୋଷ ଦେବା, କ୍ରୋଧ, ହତାଶ ଏହିପରି ଅନ୍ୟାନ୍ୟ ନକରାତ୍ମକ ଭାବାବେଗଗୁଡ଼ିକୁ ତାଙ୍କୁ ଦେଇ ଦିଅନ୍ତୁ ।

ଏହା "ପରମେଶ୍ୱରଙ୍କ ଯଷ୍ଟି"ରେ ପରିଣତ ହେଉ ।

**୨. ନିଜକୁ ଧାର୍ମିକ ଲୋକମାନଙ୍କ ଦ୍ୱାରା ପରିବେଷ୍ଟିତ ରଖନ୍ତୁ ଯେପରିକି ସେମାନେ ଆପଣଙ୍କ ସହିତ ଗମନାଗମନ କରିପାରିବେ ।**

ଏହା ହେଉଛି ଆମେ କାହିଁକି ଗୋଟିଏ ମଣ୍ଡଳୀ ଓ ଗୋଟିଏ ମଣ୍ଡଳୀ ପରିବାର ଅଟୁ – ଏହାର ଗୋଟିଏ କାରଣ । ଯେତେବେଳେ ଆପଣ ଆପଣଙ୍କ ଜୀବନରେ ଏକ ଅନିର୍ଣ୍ଣିତ ସମୟ ମଧ୍ୟ ଦେଇ ଯାଉଥାନ୍ତି, ସେତେବେଳେ ଧାର୍ମିକ ଲୋକମାନଙ୍କୁ ଆପଣଙ୍କ ସହିତ ଯିବାକୁ, ଆପଣଙ୍କୁ ଶକ୍ତିଯୁକ୍ତ କରିବାକୁ, ଆପଣଙ୍କ ସହିତ ପ୍ରାର୍ଥନା କରିବାକୁ ଓ ଆପଣଙ୍କ ନିଃସଙ୍ଗ ଯାତ୍ରାରେ ଆପଣଙ୍କୁ ତୋଳି ଧରିବାକୁ ସୁଯୋଗ ଦିଅନ୍ତୁ ।

ଆଜି ଏପରି ଜଣଙ୍କୁ ମନୋନୀତ କରନ୍ତୁ ଯାହାଙ୍କ ସହିତ ଆପଣ ନିୟମିତ ଭାବରେ ପ୍ରାର୍ଥନା କରିପାରିବେ । ଏପରି କୌଣସି ଜଣଙ୍କୁ ମନୋନୀତ କରନ୍ତୁ ଯିଏ ଆପଣଙ୍କୁ ତାଙ୍କର ଆତ୍ମିକ ଦକ୍ଷତା ଦ୍ୱାରା ସାହାଯ୍ୟ କରିପାରିବେ କିମ୍ବା ଯାହାଙ୍କ ପ୍ରତି ଆପଣ ଆପଣଙ୍କର ଅନୁଭୂତି ଓ ଦକ୍ଷତା ଦ୍ୱାରା ଏକ ଆତ୍ମିକ ଆଶୀର୍ବାଦ ସ୍ୱରୂପ ହୋଇପାରିବେ । ଯଦି ଆପଣ ଉଭୟ କାର୍ଯ୍ୟ କରିପାରିବେ, ତେବେ ଆହୁରି ଅଧିକ ଉତ୍ତମ ହେବ ।

ଦାନିୟେଲଙ୍କ ଜୀବନରେ ଜଣେ ନାବାଳକ ଭାବରେ ଏକ ଅନିର୍ଣ୍ଣିତତା ସମୟ ଆସିଥିଲା । ସେ ନିଜର ପରିବାର, ବନ୍ଧୁବର୍ଗ, ଜନ୍ମସ୍ଥାନ, ଆତ୍ମିୟ ସ୍ୱଜନ, ଓ ସ୍ୱାଧୀନତାକୁ ପରିତ୍ୟାଗ କରି ଏକ ବନ୍ଧା ଦାସ ଭାବରେ ଏକ ଅପରିଚିତ ଦେଶକୁ ଯାଇଥିଲେ (ଅନିଚ୍ଛୁକ ଅଂଶଗ୍ରହଣକାରୀ) ।

ପ୍ରଥମ ଅଧ୍ୟାୟ ଅନୁସାରେ, ସେ ଈଶ୍ୱରଙ୍କ ଦୟା ପାଇଥିଲେ – ସବୁକିଛି ଠିକ୍ ଚାଲିଥିଲା ବୋଲି ମନେ ହେଉଥିଲା ଓ ହଠାତ୍ ଦ୍ୱିତୀୟ ଅଧ୍ୟାୟରେ, ଦାନିୟେଲ ଏକ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଥିଲେ ।

**"ଅନନ୍ତର ନବୁଖଦ୍‌ନିତ୍ସରଙ୍କର ରାଜତ୍ୱର ଦ୍ୱିତୀୟ ବର୍ଷରେ ନବୁଖଦ୍‌ନିତ୍ସର ସ୍ୱପ୍ନ ଦେଖିଲେ, ତହିଁରେ ତାହାଙ୍କର ଆତ୍ମା ଉଦ୍‌ବିଗ୍ନ ହେଲା ଓ ତାହାଙ୍କର ନିଦ୍ରା ଭଗ୍ନ ହେଲା"** (ଦାନିୟେଲ ୨:୧) ।

୧୨ ପଦ, **"ଏହି କାରଣରୁ ରାଜା କ୍ରୁଦ୍ଧ ଓ ପ୍ରଚଣ୍ଡ କୋପାନ୍ୱିତ ହୋଇ ବାବିଲର ସକଳ ବିଦ୍ୱାନ ଲୋକଙ୍କୁ ବଧ କରିବାକୁ ଆଜ୍ଞା କଲେ । ... ଆଉ ଲୋକମାନେ ଦାନିୟେଲ ଓ ତାଙ୍କର ସଙ୍ଗୀମାନଙ୍କୁ ବଧ କରିବା ପାଇଁ ଅନ୍ୱେଷଣ କଲେ ।"** ସବୁକିଛି ଠିକ୍ ଚାଲିଥିଲା, ହଠାତ୍ ସେ ତାଙ୍କର ଚାକିରୀ, ଯଶ, ଦାୟିତ୍ୱ ଓ ପରିଚୟ ସବୁକିଛି ହରାଇବାକୁ ଯାଉଥିଲେ । ଏ ପର୍ଯ୍ୟନ୍ତ ଯେଉଁ ବିଷୟଗୁଡ଼ିକ ପାଇଁ ସେ ଅତି ପରିଶ୍ରମ କରିଥିଲେ, ସେହି ସବୁ ବୃଥା ଥିଲା ।

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)

# ନିହିମିୟା ବାଇବଲ କଲେଜ

## ଉପାଧି ପ୍ରଦାନ ସଭା, ୨୦୨୩-୨୦୨୪

**ସ୍ଥାନ : BKN Hall, Vepery, Chennai - 07.**



**ତାରିଖ : ୨୦୨୪, ଜୁନ ୧ ତାରିଖ**



**ସମୟ : ସନ୍ଧ୍ୟା ୫ଟା**

**ପ୍ରାୟ ୫୦ ଜଣ ଛାତ୍ର ସେମାନଙ୍କ ପାଠ ସଂପୂର୍ଣ୍ଣ କରିବେ ଓ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରିତ ହେବେ ।**

**ଆମେ ୨୦୨୪–୨୦୨୫ ଶିକ୍ଷା ବର୍ଷ ପାଇଁ ତାମିଲ ଓ ହିନ୍ଦୀ ପାଠ୍ୟକ୍ରମ ନିମନ୍ତେ ୭୫ ଛାତ୍ର ଆବଶ୍ୟକ କରୁଅଛୁ । ଦୟାକରି ଏହି ଅନୁରୋଧ ପାଇଁ ପ୍ରାର୍ଥନା କରନ୍ତୁ ।**

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଧୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ଣ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା – ରବିବାର ଅପରାହ୍ଣ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ–ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ–ମେଲ, ହ୍ୱାଟସ୍–ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*''ଯେ ପାଠ କରେ, ସେ ବୁଝୁ'' (ମାଥିଉ ୨୪:୧୫)*

## ଆମ୍ଭେ ତୁମ୍ଭକୁ ଏକ ଦେଶ ପ୍ରଦାନ କରିବା

**I WILL GIVE YOU THE LAND YOU TREAD ON!**

*''ଯେ ଯେ ସ୍ଥାନରେ ତୁମ୍ଭମାନଙ୍କର ତଳିପା ପଡ଼ିବ, ସେସବୁ ସ୍ଥାନ ... ଆମ୍ଭେ ତୁମ୍ଭମାନଙ୍କୁ ଦେଲୁ'' (ଯିହୋଶୂୟ ୧:୩) ।*

ଏହା ଥିଲା ୧୯୭୩, ଏପ୍ରିଲ/ମଇ ମାସର ଗ୍ରୀଷ୍ମ ଋତୁ, ଉତ୍ତପ୍ତ ସମୟ । ଚେନ୍ନାଇସ୍ଥିତ ତାମ୍ବରମ୍‌ଠାରେ ଥିବା କୋର୍ଲୀ ଉଚ୍ଚ ବିଦ୍ୟାଳୟରେ ଯୁବକଯୁବତୀମାନଙ୍କ ପାଇଁ ''ଏକ ତିନି ଦିନିଆ ସଭା''ର ଆୟୋଜନ ହୋଇଥିଲା । ''ବ୍ଲେସିଙ୍ଗ୍ ୟୁଥ୍ ମିଶନ''ର ପ୍ରତିଷ୍ଠାତା, ଯୁବା ସହଭାଗିତାର ଏକ ଉଦ୍ଦୀପନାକାରୀ, ଭାଇ. ଆର୍ ଷ୍ଟାନଲୀ ଏକ ଶକ୍ତିପୂର୍ଣ୍ଣ ଓ ଆହ୍ୱାନମୂଳକ ବାର୍ତ୍ତା ପ୍ରଚାର କରିଥିଲେ । ସେ ଆଜି ପର୍ଯ୍ୟନ୍ତ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟର ଏକ ଶ୍ରେଷ୍ଠ ନେତା ହୋଇ ରହିଛନ୍ତି ।

ମୁଁ ମଧ୍ୟ ସେହିସବୁ ସଭାରେ ଯୋଗ ଦେଇଥିଲି । ସେତେବେଳେ ମୋତେ ୨୩ ବର୍ଷ ବୟସ ହୋଇଥିଲା ଓ ମୁଁ ମୋର ସରକାରୀ ଚାକିରୀ ସହିତ ଈଶ୍ୱରଙ୍କ କାର୍ଯ୍ୟ କରୁଥିଲି । ମୁଁ ମୋ' ଜୀବନରେ ଏକ ଆହ୍ୱାନମୂଳକ ଅନୁଭୂତି ପାଇଥିଲି ।

ସେହି ତିନିଦିନିଆ ସଭା ମଧ୍ୟାହ୍ନ ଭୋଜନ ପରେ ସମାପ୍ତ ହୋଇଥିଲା । ସମସ୍ତେ ବସ୍ ଓ ଟ୍ରେନ୍ ଦ୍ୱାରା ଗୃହକୁ ଶୀଘ୍ର ଫେରି ଯାଇଥିଲେ ।

ମାତ୍ର ମୁଁ ସେହି ସ୍ଥାନକୁ ଛାଡ଼ି ଯାଇପାରି ନ ଥିଲି ଓ ପବିତ୍ର ଆତ୍ମାଙ୍କ ଚାଳନା ଯୋଗୁ, ପ୍ରାୟ ଗୋଟିଏ ଘଣ୍ଟା ଧରି କୋର୍ଲୀ ସ୍କୁଲର ଫାଟକ ପାଖରେ ଠିଆ ହୋଇ ରହିଥିଲି । ଈଶ୍ୱରଙ୍କ ଦାସ, ଭାଇ ଆର୍ ଷ୍ଟାନଲୀ କହିଥିବା ପ୍ରତ୍ୟେକଟି ବାକ୍ୟ ମୋର ଆତ୍ମିକ ଚକ୍ଷୁ ସମ୍ମୁଖକୁ ଆସୁଥିଲା ।

ପବିତ୍ର ଆତ୍ମା ତାଙ୍କର କୋମଳ ଓ ମୃଦୁ ସ୍ୱରରେ ମୋ' ସହିତ କଥା କହିଥିଲେ । ସେଥିଯୋଗୁ, ମୁଁ ସେହି ସ୍ଥାନକୁ ଯାଇ ପାରୁ ନ ଥିଲି ଯେଉଁଠାରେ ମୁଁ ରହୁଥିଲି । ମାତ୍ର ଏହାର ବିପରୀତରେ, ମୁଁ ସେହି ଉତ୍ତପ୍ତ ଖରା ସମୟରେ, ଚେନ୍ନାଇର ତାମ୍ବରମ୍ – ଭେଲାଚେରୀ ରାସ୍ତା ଉପରେ ଚାଲିବାର ଚାଳନା ପାଇଲି । ଯେଉଁ ଯୁବକଯୁବତୀମାନେ ମୋ' ସହିତ ସଭାରେ ଥିଲେ, ସେମାନେ ଭାବିଲେ ଯେ ହୁଏତ ବସ୍ କିମ୍ବା ଟ୍ରେନ୍ ଟିକଟ କିଣିବା ପାଇଁ ମୋ' ପାଖରେ ଟଙ୍କା ନ ଥିବାରୁ, ମୁଁ ଚାଲି ଚାଲି ଯାଉଛି । ସେମାନେ ସେମାନଙ୍କ ଗାଡ଼ିର ଝର୍କା ମଧ୍ୟ ଦେଇ ମୋତେ ଦୁଃଖରେ ଚାହିଁଥିଲେ ।

କିନ୍ତୁ, ମୁଁ କୌଣସି ବିଷୟରେ ଚିନ୍ତିତ ନ ଥିଲି । ମୁଁ ଚାଲୁଥିଲି ଓ ରାସ୍ତାରେ ଭେଟୁଥିବା ଲୋକମାନଙ୍କୁ ଓ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗୃହ ଗୁଡ଼ିକରେ ରହୁଥିବା ଲୋକମାନଙ୍କୁ ସୁସମାଚାର ପତ୍ରିକା ବାଣ୍ଟୁଥିଲି । ସେହିଦିନ, ମୁଁ ପ୍ରାୟ ୧୨ କିମି ରୁ ଅଧିକ ରାସ୍ତା ଚାଲିଥିଲି । ମୁଁ କ୍ଷୁଧିତ ଥିଲି, ମୁଁ ତୃଷିତ ଥିଲି, ମୋ' ଚପଲର ଫିତା ଛିଣ୍ଡି ଯାଇଥିଲା । ପଥଚାରୀମାନେ ମୋତେ ଦୟାର ଦୃଷ୍ଟିରେ ଦେଖୁଥିଲେ କାରଣ ମୋ' ପରି ଜଣେ ଯୁବକ କିଛି ପୁସ୍ତକ ଓ ଛିଣ୍ଡା ଚପଲ ହାତରେ ଧରି ଚାଲୁଥିଲା । ଯେତେବେଳେ ମୁଁ ଭେଲାଚେରୀ ନାମକ ସ୍ଥାନରେ ପହଞ୍ଚିଲି, ସେତେବେଳେ ସମସ୍ତ ସୁସମାଚାର ପତ୍ରିକା ଶେଷ ହୋଇ ଯାଇଥିଲା । ଆହୁରି ମଧ୍ୟ, ସେହି ସମୟରେ ଲୋକମାନଙ୍କର ଚଳପ୍ରଚଳ କମିଯାଇଥିଲା ।

ମୁଁ ଏପରି ଅନୁଭବ କରୁଥିଲି ଯେପରିକି ସ୍ୱର୍ଗ ଉନ୍ମୁକ୍ତ ଥିଲା ଓ ସ୍ୱର୍ଗରୁ ଦୁଇଟି ଚକ୍ଷୁ ସହିତ ଅନ୍ୟ ଅନେକ ଚକ୍ଷୁ ମୋତେ ଓ ମୋର କଷ୍ଟକର ପରିସ୍ଥିତିକୁ ଲକ୍ଷ୍ୟ କରୁଥିଲେ । ମୁଁ ଶାରୀରିକ ଭାବେ କ୍ଳାନ୍ତ ଥିଲି ମାତ୍ର ମୋ' ଆତ୍ମାରେ ଶକ୍ତିଶାଳୀ ବୋଲି ଅନୁଭବ କରୁଥିଲି । ମୁଁ ରାତିରେ ଚେନ୍ନାଇର ଚେପକ୍‌ଠାରେ ଥିବା ମୋ' ଗୃହରେ ପହଞ୍ଚିଲି ।

ଦିନ ପରେ ଦିନ, ବର୍ଷ ପରେ ବର୍ଷ ବିତିଗଲା । ପ୍ରଭୁ ସେହିସବୁ ଅଞ୍ଚଳରୁ ଅନେକ ଆତ୍ମିକ ଲୋକମାନଙ୍କୁ ଦେଇଥିଲେ, ଯେଉଁଠାରେ ଦିନେ ମୁଁ ଚାଲୁଥିଲି । ସେହି ମାର୍ଗରେ ରହୁଥିବା ଭାଇ ଦୁରାଇ ଓ ତାଙ୍କର ପତ୍ନୀ ଫେନେଲା ଓ ଆଡ୍‌ଭେଣ୍ଟ ମିଶନ ଚର୍ଚ୍ଚର ସମସ୍ତ ପାଳକଙ୍କ ସହିତ ମୋର ଏକ ଗଭୀର ସଂପର୍କ ସ୍ଥାପିତ ହୋଇଥିଲା । ୧୯୭୭ରେ, ପ୍ରଭୁ ମୋତେ ସେହି ସନ୍ତୋଷପୁରମ୍‌ଠାରେ ଗୋଟିଏ ଗୀର୍ଜାଗୃହ ଓ ଗୋଟିଏ ଇଂରାଜୀ ମାଧ୍ୟମ ଉଚ୍ଚ ବିଦ୍ୟାଳୟ (ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ) ପ୍ରଦାନ କରିଥିଲେ, ଯେଉଁଠାରେ ଦିନେ ମୁଁ ଚାଲୁଥିଲି । ଯେଉଁ ଭେଲାଚେରୀଠାରେ, ମୁଁ ଦିନେ ଚାଲିବା ବନ୍ଦ କରିଥିଲି, ସେଠାରେ ପ୍ରଭୁ ମୋତେ ଗୋଟିଏ ଗୀର୍ଜାଗୃହ ନିର୍ମାଣ କରିବା ପାଇଁ ଓ ଆମର ସଂପୂର୍ଣ୍ଣ ସମୟ ହିନ୍ଦୀ ଆବାସିକ ''ନିହିମିୟା ବାଇବଲ କଲେଜ'' ଚଳାଇବା ପାଇଁ ସାମର୍ଥ୍ୟ ଦେଇଥିଲେ । ପ୍ରଭୁ ଭାଇ ଏଡ୍‌ୱିନ ନାମକ ଈଶ୍ୱରଙ୍କର ଜଣେ ଦାସଙ୍କ ମନରେ କଥା କହିଥିଲେ ଓ ସେ ମୋର ସେବାକାର୍ଯ୍ୟ ପାଇଁ ତାଙ୍କର ଭୂସମ୍ପତ୍ତି ଦାନ କରିଥିଲେ ଯେପରିକି ମୁଁ ଏହାକୁ ଗୀର୍ଜାଗୃହ ଓ ନିହିମିୟା ବାଇବଲ କଲେଜ ପାଇଁ ବ୍ୟବହାର କରିପାରିବି ।

ବର୍ତ୍ତମାନ ଏହି ଦୁଇଟି ସେବାକାର୍ଯ୍ୟ ଆମ ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ''ର ଦୁଇଟି ଚକ୍ଷୁ ଭାବରେ କାର୍ଯ୍ୟ କରୁଅଛି ।

ପ୍ରଭୁ ପବିତ୍ର ଆତ୍ମାଙ୍କ ଚାଳନାର ବାଧ୍ୟ ହେବା ପାଇଁ ପ୍ରେରଣା ଦେଇଥିଲେ ଓ ସେହିସବୁ କଷ୍ଟକର ଅନୁଭୂତି ମଧ୍ୟ ଦେଇ ଯିବା ପାଇଁ ମୋତେ ସାହାଯ୍ୟ କରିଥିଲେ । ପଥଟି କଠିନ ଥିଲା, ମାତ୍ର ଶେଷରେ ବଡ଼ ବିଜୟ ଆସିଥିଲା ।

ପ୍ରିୟ ଭାଇ ଓ ଭଉଣୀମାନେ, ଆପଣମାନେ କେବେ ଆପଣଙ୍କ ସହିତ ପ୍ରଭୁଙ୍କୁ ଏହିପରି କଥା କହିବାର ଶୁଣିଛନ୍ତି କି ? ଆପଣଙ୍କ ସଙ୍ଗେ ସଙ୍ଗେ ବାଧ୍ୟ ହୋଇଛନ୍ତି କି ? ଆପଣମାନେ ଈଶ୍ୱରଙ୍କ ଚାଳନା ଅନୁସାରେ କେବେ କାର୍ଯ୍ୟ କରିଛନ୍ତି କି ? କିମ୍ବା, ଈଶ୍ୱର ଆପଣଙ୍କୁ ଦେଇଥିବା ସେବାକାର୍ଯ୍ୟ କରିବା ପରିବର୍ତ୍ତେ, ଆପଣ ଯୂନସଙ୍କ ଭଳି ଏପରି ଅନ୍ୟ କିଛି କାର୍ଯ୍ୟ କରୁଛନ୍ତି କି, ଯାହା ଆପଣଙ୍କୁ ଆନନ୍ଦ, ସନ୍ତୋଷ ଓ ସୁରକ୍ଷା ଦେଉଅଛି ? ଆପଣ କ'ଣ ଅନ୍ୟ ଲୋକମାନଙ୍କ ଭଳି କୌଣସି କାର୍ଯ୍ୟକୁ ଈଶ୍ୱରଙ୍କ ଇଚ୍ଛା ଭାବି ନିଜର ସୁବିଧା ଅନୁସାରେ କରୁଛନ୍ତି କି ?

ଯେଉଁ ସଦାପ୍ରଭୁ ଯିହୋଶୂୟଙ୍କୁ ଏହି ପ୍ରତିଜ୍ଞା ଦେଇଥିଲେ ଯେ ଯେଉଁଠାରେ ତାଙ୍କର ପାଦ ପଡ଼ିବ, ସେହି ସ୍ଥାନ ସେ ତାଙ୍କୁ ଦେବେ ଓ ସେ ତାଙ୍କର ପ୍ରତିଜ୍ଞା ପୂରଣ କରିଥିଲେ (ଯିହୋଶୂୟ ୧୪:୯), ସେହି ସଦାପ୍ରଭୁ ଆପଣଙ୍କ ନିମନ୍ତେ ମଧ ସେହି ସମାନ କାର୍ଯ୍ୟ କରିବେ । ଯେଉଁ ପ୍ରଭୁ ଆପଣଙ୍କୁ ଆହ୍ୱାନ କରିଛନ୍ତି, ସେ ବିଶ୍ୱସ୍ତ ଅଟନ୍ତି । ତାଙ୍କର ଆଜ୍ଞା ପାଳନ କରନ୍ତୁ ଓ ତାଙ୍କ ଇଚ୍ଛା ସାଧନ କରନ୍ତୁ । ଏହି ଜୀବିତ ଈଶ୍ୱରଙ୍କୁ ଜଗତରେ ପରିଚିତ କରାଇବା ପାଇଁ ଆଗକୁ ଆସନ୍ତୁ । ନିଶ୍ଚୟ ବିଜୟ ଅଛି ।

* * *

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ସେ କ'ଣ କରିଥିଲେ ? ଦାନିୟେଲ ଅନିଶ୍ଚିତତାର ଏକ ଦୁଃଖଦାୟକ ସମୟ ମଧରେ ଥିଲେ । ସେ କ'ଣ କରିଥିଲେ ? ୧୭ ଓ ୧୮ ପଦରେ ଲେଖାଯାଏ, **"ଏଥିରେ ଦାନିୟେଲ ଆପଣା ଗୃହକୁ ଗଲେ, ଆଉ ସେ ଓ ତାଙ୍କର ସଙ୍ଗୀମାନେ ଯେପରି ବାବିଲର ଅନ୍ୟାନ୍ୟ ବିଦ୍ୱାନମାନଙ୍କ ସଙ୍ଗେ ବିନଷ୍ଟ ନୋହିବେ, ଏଥିପାଇଁ ... ପରମେଶ୍ୱରଙ୍କ ଅନୁଗ୍ରହ ପ୍ରାର୍ଥନା କରିବା ପାଇଁ ଆପଣା ସଙ୍ଗୀ ହନନିୟ, ମିଶାୟେଲ ଓ ଅସରିୟଙ୍କୁ ସେହି ବୃତ୍ତାନ୍ତ ଜଣାଇଲେ"** (୨:୧୭-୧୮) । ସେମାନେ ପ୍ରାର୍ଥନା କରିଥିଲେ ଓ ଯାହା ଘଟିଥିଲା, ତାହା ଆମେ ଜାଣିଛୁ । ଈଶ୍ୱର ସେମାନଙ୍କ ନିକଟରେ ନିଜର ଭବିଷ୍ୟତ୍‌ର ଯୋଜନା ପ୍ରକାଶ କରିଥିଲେ ।

ଆମର ଈଶ୍ୱର ମହାନ୍ ଅଟନ୍ତି । ସେଥିପାଇଁ ନିଜକୁ ଧାର୍ମିକ ଲୋକମାନଙ୍କ ଦ୍ୱାରା ପରିବେଷ୍ଟିତ କରନ୍ତୁ ।

## ୩. "କ୍ଷାନ୍ତ ହୁଅ ଓ ଆମ୍ଭେ ଯେ ପରମେଶ୍ୱର ଅଟୁ, ଏହା ଜାଣ ।"

### ଗୀତସଂହିତା ୪୬:୧୦

ଅନିଶ୍ଚିତତାର ଅନୁଭବ ଆପଣଙ୍କ ମସ୍ତିଷ୍କରେ କପାଳର ଉପରିଭାଗକୁ "ବନ୍ଦ କରି ଦେବା" ପାଇଁ ପ୍ରରୋଚିତ କରେ ଓ ଆପଣା ସମସ୍ୟା ସମାଧାନ କରିବାର, ମନୋଯୋଗୀ ହେବାର ଓ ପରବର୍ତ୍ତନଶୀଳ ହେବାର ସାମର୍ଥ୍ୟକୁ ହରାଇ ଦିଅନ୍ତି । ଏହାଦ୍ୱାରା ଆପଣଙ୍କର ଅଯୌକ୍ତିକ ଆଚରଣରେ ନିୟୋଜିତ ରହିବାର ସୁଯୋଗ ବୃଦ୍ଧିପାଏ ଓ ଆପଣଙ୍କୁ ଉଦ୍‌ବେଗ, ବିଷାଦ ଓ ଚାପଦ୍ୱାରା ଆକ୍ରାନ୍ତ ହୁଅନ୍ତି ।

ସେଥିପାଇଁ ଈଶ୍ୱରଙ୍କ ସତ୍ୟ ଉପରେ ଆପଣଙ୍କ ହୃଦୟକୁ କେନ୍ଦ୍ରିଭୂତ କରିବା ଦ୍ୱାରା ଯାହା ଗୁରୁତ୍ୱପୂର୍ଣ୍ଣ, ତାହା ଉପରେ ମନୋନିବେଶ କରିବା ଆପଣଙ୍କ ପାଇଁ ଅନିବାର୍ଯ୍ୟ ଅଟେ ।

ସ୍ଥିର ରହିବା ଏପରି ଏକ ଶୃଙ୍ଖଳା ଯାହା ନିରବଚ୍ଛିନ୍ନତା ଓ ସଚେତନତା ଆବଶ୍ୟକ କରେ ।

ସ୍ଥିରତାର ଏହି କାର୍ଯ୍ୟ ଆମର ଅନୁଭବକୁ ତୀକ୍ଷ୍ଣ କରେ ଓ ଆମର ବର୍ତ୍ତମାନର ପରିସ୍ଥିତି (ଅଜ୍ଞାତ)ରେ ଈଶ୍ୱରଙ୍କ ଉପସ୍ଥିତି ସମ୍ବନ୍ଧରେ ଅଧିକରୁ ଅଧିକ ସଚେତନ କରେ ।

ଯେତେବେଳେ ଆମେ ଦ୍ୱନ୍ଦ୍ୱଗ୍ରସ୍ତ ହେଉ, ସେତେବେଳେ ଆମେ ପର୍ବତଗତ ପ୍ରତି ଦୃଷ୍ଟିପାତ କରିବା ଉଚିତ ଓ ସେହିଠାରୁ ଅର୍ଥାତ୍ ଆକାଶମଣ୍ଡଳ ଓ ପୃଥିବୀର ନିର୍ମାଣକର୍ତ୍ତାଙ୍କଠାରୁ ଆମର ସାହାଯ୍ୟ ଆସେ । ସେ ପୃଥିବୀକୁ ହଲାନ୍ତି ଓ ସମୁଦ୍ରକୁ କମ୍ପିତ କରନ୍ତି, ସେ ଦ୍ୱାର ଉନ୍ମୁକ୍ତ କରନ୍ତି ଓ ବନ୍ଦ କରନ୍ତି ।

ପ୍ରଭୁଙ୍କ ସାକ୍ଷାତରେ ସ୍ଥିର ରହନ୍ତୁ, ଅର୍ଥାତ୍, ପ୍ରଭୁଙ୍କ ନିକଟକୁ ଯାଇ ବସନ୍ତୁ ଓ କିଛି କହନ୍ତୁ ନାହିଁ । ତାଙ୍କୁ କିଛି କୁହନ୍ତୁ ନାହିଁ, ତାଙ୍କଠାରୁ ନ ଶୁଣିବା ପର୍ଯ୍ୟନ୍ତ ଅପେକ୍ଷା କରି ରୁହନ୍ତୁ । ସେ ଆପଣଙ୍କ ବିଶ୍ୱାସର ଆଦିକର୍ତ୍ତା ଓ ସିଦ୍ଧିଦାତା ଅଟନ୍ତି । ଈଶ୍ୱରଙ୍କର ଯୁଦ୍ଧକୁ ଆପଣଙ୍କ ନିଜସ୍ୱ ଯୁଦ୍ଧ କରନ୍ତୁ ନାହିଁ ।"

ଯେତେବେଳେ ଆପଣ ପ୍ରଭୁଙ୍କର ଉପସ୍ଥିତି ମଧକୁ ଯାଆନ୍ତି, ସେତେବେଳେ

୧. ଆପଣଙ୍କର ଦୁର୍ବଳତାଗୁଡ଼ିକୁ ସ୍ୱୀକାର କରନ୍ତୁ– ଆପରଙ୍କ ଅନୁଭବର ନାମ କହନ୍ତୁ ।

୨. ଆପଣଙ୍କ ଯାହା ଅଛି, ଅର୍ଥାତ୍, ଯଷ୍ଟି, ଈଶ୍ୱରଙ୍କ ହସ୍ତରେ ଦିଅନ୍ତୁ ଓ ଏହା ଈଶ୍ୱରଙ୍କ ଯଷ୍ଟି ହେଉ / ସମାଧାନ କରିବା ପାଇଁ ଏହା ଈଶ୍ୱରଙ୍କ ସମସ୍ୟା ହେଉ ।

୩. ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକୁ ସ୍ୱୀକାର କରିବା ଆରମ୍ଭ କରନ୍ତୁ – ଯଦି ଆପଣ ଏଗୁଡ଼ିକୁ ସ୍ୱୀକାର କରିବାକୁ ଇଚ୍ଛା କରୁଛନ୍ତି, ତେବେ ସେଗୁଡ଼ିକୁ ମୁଖସ୍ଥ କରିବା ଆବଶ୍ୟକ ଅଟେ ।

୪. ପରମେଶ୍ୱର ତୁମ୍ଭମାନଙ୍କ ନିମନ୍ତେ ଯୁଦ୍ଧ କରିବେ, ତୁମ୍ଭେମାନେ ନୀରବ ରହିବ" (ଯାତ୍ରା ୧୪:୧୪) ।

ପ୍ରିୟ ବନ୍ଧୁଗଣ, ଆପଣମାନଙ୍କୁ ଏପରି ବିଶ୍ୱସ୍ତ ଲୋକମାନଙ୍କୁ ଦେଖାଇବା ପାଇଁ ଈଶ୍ୱରଙ୍କୁ କହନ୍ତୁ, ଯେଉଁମାନେ ଆପଣମାନଙ୍କ ପାଖେ ପାଖେ ଚାଲି ପାରିବେ । ତାଙ୍କ ଉପସ୍ଥିତିରେ ନୀରବ ରହିବା ପାଇଁ ଆପଣଙ୍କୁ ଶିକ୍ଷା ଦେବା ନିମନ୍ତେ ଓ ନୀରବତାରେ ତାଙ୍କ ଠାରୁ ଶିକ୍ଷା ଗ୍ରହଣ କରିବା ନିମନ୍ତେ ଈଶ୍ୱରଙ୍କୁ କୁହନ୍ତୁ । ଯେପରି ଯିଶାଇୟ ୩୦:୧୫ରେ ଲେଖାଯାଇଛି : **"... ସୁସ୍ଥିରତା ଓ ବିଶ୍ୱାସରେ ତୁମ୍ଭମାନଙ୍କର ବଳ ହେବ ।"** ଏହା ମନେ ରଖନ୍ତୁ, ଯାହା ଘଟିଲେ ସୁଦ୍ଧା ଓ ଆପଣଙ୍କ ପରିସ୍ଥିତି ଯେତେ ଅନ୍ଧକାର ଦିଶିଲେ ସୁଦ୍ଧା, ସର୍ବଶକ୍ତିମାନଙ୍କଠାରେ ବିଶ୍ୱାସ କରନ୍ତୁ । ସେ ସମସ୍ତ ବକ୍ର ପଥ ସଳଖ କରିବେ କାରଣ ସେ **"ଆଶ୍ଚର୍ଯ୍ୟ କର୍ମକର୍ତ୍ତା ପରମେଶ୍ୱର ଅଟନ୍ତି"** (ଗୀତ ୭୭:୧୪) ।

* * *


# ଆବଶ୍ୟକ

ଆମେ ଆମର **ନିହିମିୟା ବାଇବଲ କଲେଜ ନିମନ୍ତେ** ପ୍ରାୟ ୧୦୦୦ ହିନ୍ଦୀ ଖ୍ରୀଷ୍ଟିଆନ ପୁସ୍ତକ ଆବଶ୍ୟକ କରୁଅଛୁ । ଦୟାକରି ଥିଓଲୋଜିକାଲ ହିନ୍ଦୀ ପୁସ୍ତକ ପାଇବାର ସମ୍ଭାବନା ବିଷୟରେ ଆମକୁ ଜଣାନ୍ତୁ ।

ଦୟାକରି ଇଂରାଜୀ ଓ ତାମିଲ ଭାଷାର ପୁସ୍ତକ ସବୁ ପ୍ରେରଣ କରିବା ବନ୍ଦ କରନ୍ତୁ ।

ପାଳକ ଏସ୍.ସାମ୍ ସେଲ୍‌ଭାରାଜ୍
ସଂପାଦକ – +91-98412 71858

# ଜରୁରୀ ଆବଶ୍ୟକ

VICE PRINCIPAL & TEACHERS
for

ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ
"ଆହ୍ୱାନର ପ୍ରତିଧ୍ୱନି"ର ଏକ ଅନୁଷ୍ଠାନ
ବିଜୟନଗରମ, ମେଡ଼ାଭକ୍କମ୍,
ଚେନ୍ନାଇ – ୧୦୦

ଆମେ ଯୋଗ୍ୟ, ଅଭିଜ୍ଞ, ସମର୍ପିତ, କଠିନ ପରିଶ୍ରମୀ ଓ ମିଶନ କୈନ୍ଦ୍ରିକ ଖ୍ରୀଷ୍ଟିଆନମାନଙ୍କୁ ଆବଶ୍ୟକ କରୁଅଛୁ ।

Bio-data ସହିତ ଆବେଦନ କରନ୍ତୁ –
E.mail: sam@echoofhiscall.org
WhatsApp: (+91) 98412 71858

# ଆବଶ୍ୟକ

ନିହିମିୟା ବାଇବଲ କଲେଜ
ଆହ୍ୱାନର ପ୍ରତିଧ୍ୱନି, ଚେନ୍ନାଇ
ATA – ପଞ୍ଜିକୃତ ପ୍ରାର୍ଥୀ, ସଦସ୍ୟତା ନିମନ୍ତେ

ଡିନ (ଆବାସିକ),

ହିନ୍ଦୀ ଥିଓଲୋଜିଆନ୍ ଯୋଗ୍ୟତା M.DIV/ M.Th ଡିଗ୍ରୀ ଓ ଅନୁଭୂତି ରହିବା ଓ ଖାଇବାର ବ୍ୟବସ୍ଥା ସହିତ ଦରମା ପ୍ରଦାନ କରାଯିବ ।

ଯୋଗ୍ୟ ପ୍ରାର୍ଥୀମାନେ ନିମ୍ନ ଠିକଣାରେ ସେମାନଙ୍କର bio-data ପ୍ରେରଣ କରିପାରିବେ :
E.mail: sam@echoofhiscall.org
WhatsApp: (+91) 98412 71858

RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**

Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### 1. Bank : State Bank of India

Branch : Triplicane, Chennai-5
Name : S. Sam Selva Raj
A/C No. : 1023 2934 679
IFSC : SBIN 00 00 249
SWIFT CODE : SBI NIN BB 455

### 2. Bank : ICICI Bank

Branch : Anna Salai, Chennai-6
Name : Echo of His Call
A/C No. : 6038 0502 2319
IFSC : ICIC 000 6038

### 3. Bank : State Bank of India

(This Account is for Tax Exemption for Indians only )

Branch : Triplicane, Chennai-5
Name : Echo of His Call Educational Trust
A/C No. : 1023 2923 805
IFSC : SBIN 00 00 249

Google Pay: 98410 71858
PayPal : SAM SELVA RAJ

*****

E.mail : sam@echoofhiscall.org

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ୱା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍‌ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ୱା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ୱର ଓ ଇ–ମେଲ ଠିକଣା ଜଣାନ୍ତୁ ।

### ଆମର ଠିକଣା :


## ECHO OF HIS CALL

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com


**YOU CAN SEND YOUR DONATION ONLINE ALSO**


Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/24-26
Licence No. WPP. No. TN/PMG(CCR)/WPP-265/24-26
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS / 1 Patrika Channel"
on 18th MARCH 2024.
If un-delivered please return to:
ECHO OF HIS CALL (ODIA)
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766


*JESUS LOVES YOU!*

To

*GOD BLESS YOU!*

Owned and published by S. Sam Selva Raj from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by S. Sam Selva Raj at Echo of His Call Printers, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: S. Sam Selva Raj.